# Akashvani, Sambalpur

## SAMBALPURI NEWS EVENING BULLETIN

**24 May 2025- 7.02 pm- 7.12 pm.**

*******************************************

୧- ସବୁ ରାଜ୍ୟ ବିକଶିତ୍ ହେଲେ ଭାରତ୍ ବିକଶିତ୍ ହେଇପାର୍‌ବା- ନୀତି ଆୟୋଗ୍ ବୈଠକ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨୦୩୬ ମସିହାତକ୍ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିୟନ୍ ଆମେରିକୀୟ ଡଲାର୍ ହେବା- କହେଲେ ମୁଖ୍ୟମନ୍ତ୍ରୀ ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ଦେଶ୍ ଚଲାବାର୍‌ଥି ଚାର୍ଟାର୍ଡ ଏକାଉଂଟାଂଟ୍ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ - କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

ଆଉର୍

୪- କେରଳ ଉପକୂଲ୍ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

ନୀତି ଆୟୋଗ୍ ବୈଠକ୍        ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଅଧ୍ୟକ୍ଷତାଥି ନୀତି ଆୟୋଗ୍‌ର ୧୦ ନମ୍ବର ପରିଚାଳନା ପରିଷଦ୍ ବୈଠକ୍ ହେଇଯାଇଛେ । 'ବିକଶିତ୍ ଭାରତ୍ ୨୦୪୭ ଲାଗି ବିକଶିତ୍ ରାଜ୍ୟ' ବିଷୟବସ୍ତୁ ଉପ୍‌ରେ ହେଇଥିବା ଇ ବୈଠକ୍‌ଥି ଇଛ୍‌ନିକା ବିକାଶ୍ ଦିଗେ ଦେଶ୍ ସମ୍ମୁଖୀନ୍ ହଉଥିବା ଭିନ୍ ଭିନ୍ ଆହ୍ୱାନ୍ ବାବ୍‌ଦେ ଆଲୋଚନା କରାଯାଇଛେ ।

ନୀତି ଆୟୋଗ୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା -୨୦୩୬ ଆର୍ ବିକଶିତ୍ ଭାରତ୍ -୨୦୪୭ ଭିଜନ୍ ଡକ୍ୟୁମେଂଟ୍ ଉପସ୍ଥାପନ୍ କରିଛନ୍ । ୨୦୩୬ ମସିହାତକ୍ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିୟନ୍ ଆର୍ ୨୦୪୭ ମସିହାତକ୍ ୧ ଦଶ୍‌ମିକ୍ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ହେବା ବଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ ।  ଇତାର୍‌ସହେତେ ଗଲା ବଛ୍‌ରେ ଭିତ୍‌ରେ ରାଜ୍ୟ ସର୍‌କାର୍ ନେଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଆର୍ କାର୍ଯ୍ୟକ୍ରମ୍ ମାନ୍‌କର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ତଥ୍ୟ ରଖିଛନ୍ ।

ବୈଠକ୍‌ଥି ସବୁ ରାଜ୍ୟର୍ ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ୍ ଅଂଚଲର ଉପରାଜ୍ୟପାଲ୍, କେନ୍ଦ୍ରମନ୍ତ୍ରୀ ମାନେ, ନୀତି

ଆୟୋଗ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ସଦସ୍ୟମାନେ ଯୋଗ୍ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ୪ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏବା କାଏଲ୍ ଏନ୍‌ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ

ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଫରେଷ୍ଟ୍ ଗାର୍ଡ୍ ମୃତ୍ୟୁ-ମୁଖ୍ୟମନ୍ତ୍ରୀ ସାହାଜ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଢେଙ୍କାନାଲ୍ ଜିଲ୍ଲା ହିନ୍ଦୋଲ୍ ରେଞ୍ଜ୍ ରାଜମୋହନ୍‌ପୁର୍ ଜଙ୍ଗଲ୍ ନ ପେଟ୍ରୋଲିଂ କରୁଥିଲା ବେଲେ ଶିକାରୀମାନ୍‌କର୍ ଗୁଲିଥି ଫରେଷ୍ଟ୍ ଗାର୍ଡ୍ ପ୍ରହଲ୍ଲାଦ୍ ପ୍ରଧାନ୍‌ଙ୍କର୍ ମୃତ୍ୟୁ ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଃଖ ପ୍ରକାଶ୍ କରିଛନ୍ । ତାଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ୩୦ ଲାଖ୍ ଟଙ୍କାର୍ ଅନୁକମ୍ପା ସହାୟତା ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଘଟ୍‌ନା ଜାଗାକେ ଯାଇକରି ଅଏତ୍‌କା ତଦନ୍ତ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପି ସି ସି ଏଫ୍ ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜସ୍ୱ ବିଭାଗ୍‌ର କର୍ମଚାରୀ କର୍ମଶାଳା ହି.ସ.

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅଧିକାରୀ ଆଉ କର୍ମଚାରୀମାନ୍‌କର୍‌ କାମ୍‌କାଜ୍‌ର ସମୀକ୍ଷା କରାଯିବା । ଇଥିର୍‌ଲାଗି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁଟେ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ୍‌ କରିଛନ୍‌ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ରାଜସ୍ୱ ମନ୍ତ୍ରୀ କହିଛନ୍‌, ଆଏବା ୪ ଆଉ ୫ ତାରିଖ୍‌ ଭୁବ୍‌ନେଶ୍ୱର୍‌ ଠାନେ ୨ ଦିନ୍‌ ଧରିକରି କର୍ମଶାଳା ଆୟୋଜନ୍‌ ହେବା । କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍‌ ଚରଣ୍‌ ମାଝୀ ଉଦ୍‌ଘାଟନ୍‌ କର୍‌ବେ । ଇଥି ରାଜ୍ୟର୍‌ ୩୦ ଝନ୍‌ ଅତିରିକ୍ତ ଜିଲ୍ଲାପାଳ୍‌, ୫୮ ଝନ୍‌ ଉପଜିଲ୍ଲାପାଳ୍‌ ଆର୍‌ ୩ ଶହ ୧୭ ଝନ୍‌ ତହସିଲ୍‌ଦାର୍‌ ଯୋଗ୍‌ ଦେବେ । ସେନ୍ତା ବ୍ଲକ୍‌ସ୍ତରୁଥି ଭିଲ୍‌ ଆର୍‌.ଆଇ. ଆର୍‌ ଅମିନ୍‌ ମାନେ ଆଭାସୀ ଜରିଏ ଜୁଡ଼ି ହେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍‌ ।

ଯୁକ୍ତ ୨ ନାଁଲେଖା I&PR

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍‌ ପରିଚାଳିତ୍‌ ଯୁକ୍ତ ୨ ନାଁଲେଖା ଲାଗି ଆଏଜ୍‌ଠାନୁ ପ୍ରକ୍ରିୟା ମୁଲ୍‌ ହେଇଛେ । ଛାତ୍ରଛାତ୍ରୀମାନେ www.samsodisha,gov.in ପୋର୍ଟାଲ୍‌ଥି ଆବେଦନ୍‌ କରିପାର୍‌ବେ । ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଆଉ ସଂସ୍କୃତଥି

ନାଁଲେଖା ଲାଗି ଆଏଜ୍ ଦିନର୍ ୨ବଜେନୁ ଆବେଦନ୍ ମୁଲ୍ ହେଇଛେ । ନାଁଲେଖା ପ୍ରକ୍ରିୟା ଆଏବା ମାସର୍ ୩୦ ତାରିଖ୍‌ତକ୍ ଚାଲ୍‌ବା । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଛାତ୍ରଛାତ୍ରୀ ସହାୟତା ନମ୍ବର୍ **୧୫୫-୩୩୫** ଆଉ ୧୮୦୦-୩୪୫-୬୭୭୦ ଥି ଯୋଗାଯୋଗ୍ କରିପାର୍‌ବେ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ନିଜର ନିର୍ବାଚନ୍ ମଣ୍ଡଲୀ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଆଏଜ୍ ସଖାଲ୍‌ବେଲା ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ହେଇଥିବା ଚାର୍ଟାର୍ଡ଼ ଏକାଉଂଟେଂଟ୍ ସମ୍ମିଲନୀଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଦେଶ୍ ଚଲାବାର୍‌ଥି ଚାର୍ଟାର୍ଡ ଏକାଉଂଟେଂଟ୍‌ମାନ୍‌କର୍ ଭୂମିକା ବାବ୍‌ଦେ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସକ୍ଷମ୍ ପତ୍ରିକାର୍ ଉନ୍ମୋଚନ୍ କରିଛନ୍ ।

ସେନ୍ତା ବୁର୍ଲା ଠାନେ ଥିବା ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ନ କେନ୍ଦୁପତ୍ର ଶ୍ରମିକ ସଶକ୍ତିକରଣ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କେନ୍ଦୁପତ୍ର ଶ୍ରମିକ ଆଉ ନିର୍ମାଣ ଶ୍ରମିକ୍‌ମାନ୍‌କୁ

ଶ୍ରୀ ପ୍ରଧାନ୍ ଭିନ୍ ଭିନ୍ ସର୍କାରୀ ଯୋଜ୍ନାର୍ ସାହାଜ୍ ଟଙ୍କା ବାଂଟିଛନ୍ । ଇତାର୍ସହେତେ ଉପର୍ବେଲା ରେଙ୍ଗାଲି ବ୍ଲକ୍ ନୂଆଁ ରମ୍ପେଲା ଠାନେ କମ୍ୟୁନିଟି ରେଡ଼ିଓ ଉଦ୍ଘାଟନ୍ କର୍ବାର୍ ସହେତେ ବେଲ୍ବୁଢ଼େ ସମ୍ବଲ୍ପୁର୍ ଜେଲ୍ଛକ୍ ଠାନେ ଆମ୍ବ ପସ୍ରାକେ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଦେବସ୍ନାନ ପୂର୍ଣ୍ଣିମା ପୁରୀ ସମ୍ବାଦଦାତା

ଇ ବଛର୍ ଜୁନ୍ ୧୧ ତାରିଖ୍ ଦିନ ଦେବସ୍ନାନ ପୂର୍ଣ୍ଣିମା ହେବା । ଆଉ ତାର୍ ଆରଦିନ୍ଠାନୁ ବ୍ରହ୍ମଗିରି ଅଲାର୍ନାଥ୍ ପୀଠନୁ ମାହାପୁରୁମାନ୍କର୍ ଦର୍ଶନ୍ ମୁଲ୍ ହେବା । ସ୍ନାନଯାତ୍ରା ଆଉ ଅଲାର୍ନାଥ୍ ଦର୍ଶନ୍କେ ନେଇକରି ଆଏଜ୍ ପୁରୀ ଜିଲ୍ଲାପାଲ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ସମିଆଥି ସବୁ ବିଭାଗ୍ ତାଲ୍ମେଲ୍ ରଖିକରି ନିଜର୍ ଦାୟିତ୍ୱ ତୁଲାବାର୍ ସହେତେ ସ୍ନାନ ଯାତ୍ରା ଆଉ ଅଲାର୍ନାଥ୍ ଦର୍ଶନ୍କେ ଶାନ୍ତିଶୃଙ୍ଖଲାର୍ ସହେତେ ଶେଷ୍ କର୍ବାର୍ ଦିଗେ କାମ୍ କର୍ବାର୍କେ ଜିଲ୍ଲାପାଲ୍ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ସହେତେ ରାସ୍ତାଘାଟ, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା,

ଗାଡ଼ି ପାର୍କିଂ, ସୂଚନା ପ୍ରସାରଣ୍ ବ୍ୟବସ୍ଥା ସବୁକେ ଠିକ୍ ଢଙ୍ଗେ ସମିଆ ଜାନି କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଧାରିଜ୍ ସମିଆ ଭିତ୍‌ରେ ସବୁ ନୀତିକାନ୍ତି ସାର୍‌ବାର୍‌କେ ସେବାୟତ୍‌ମାନ୍‌କୁ ଜିଲ୍‌ଲାପାଲ୍ ଅନୁରୋଧ୍ କରିଛନ୍ ।

ରେଢ଼ାଖୋଲ୍- ରଥକାଠ ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ଆଏଜ୍ ରେଢ଼ାଖୋଲ୍‌ନୁ ପୁରୀ ଗଲା ରଥକାଠ । ରେଢ଼ାଖୋଲ୍ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ୍ ଜଙ୍ଗଲ୍ ବ୍ରହ୍ମପୁରା ଠାନୁ ୩୪ ଖଁଡ଼୍ କାଠ୍ ପଠାଯାଇଛେ । ଇଥିର୍‌ଭିତ୍‌ରେ ୧୦ ଖଁଡ଼୍ ଧଉରା ଆର୍ ୨୪ ଖଁଡ଼ ଅସନ କାଠ ପଠାଯାଇଛେ । କାଠ୍ ବୋଝେଇ ଟ୍ରକ୍‌କେ ଚାର୍‌ମାଲ୍‌ଠାନେ ପୂଜା କରାଯାଇକରି ପୁରୀକେ ପଠାଯାଇଥିଲା ।

ସେନ୍ତା ବୌଦ୍ଧ ବନଖଣ୍ଡ ଇଲାକାନୁ ଭିଲ୍ ଆଏଜ୍ ୨ ନମ୍ବର୍ ଖେପେ ପୁରୀକେ ୩୨ ଖଁଡ଼୍ ରଥକାଠ ପଠାଯାଇଛେ । ମାଧପୁର୍ ରେଞ୍ଜ୍‌ନୁ କଟାଯାଇଥିବା ୨୨ ଖଁଡ଼୍ ଅସନ ଆର୍ ଲକ୍ଷ୍ମୀ ପ୍ରସାଦ୍ ଇଲାକାନୁ କଟାଯାଇଥିବା ୧୦ ଖଁଡ଼୍ ଧଉରା କାଠ ପୂଜାର୍ଚ୍ଚନା କରାଯାଇକରି ପୁରୀକେ ପଠାଯାଇଛେ ।

ଏଏସ୍‌ଆଇ-କୋଣାର୍କ ପୁରୀ ସମ୍ବାଦଦାତା

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇ ମହାନିର୍ଦ୍ଦେଶକ୍ ଯଦୁବୀର ସିଂ ରାଓ୍ୱତ୍ ଆଏଜ୍ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ୍ କର୍ବାର୍ ସହେତେ ଗର୍ଭଗୃହର୍ ବାଏଲ୍ କାଢ଼୍ବାର୍ ଥିତି ଅନୁଧ୍ୟାନ୍ କରିଛନ୍ । ତାଙ୍କର ସଙ୍ଗେ ପୁରୀ ସର୍କଲ୍ ଅଧିକାରୀ ଆଉ ୧୫ ଝନିଆ ବିଶେଷଜ୍ଞ ଦଲ୍ ଭିଲ୍ ଅନୁଧ୍ୟାନ୍ କରିଛନ୍ । ସୂଚ୍ନା ଅନ୍ସାରେ ସୂର୍ଯ୍ୟ ମନ୍ଦିରର ଗର୍ଭଗୃହନୁ ବାଏଲ୍ କାଢ଼୍ବାର୍ ଲାଗି ୨ ବଛର୍ ହେଲା ଏଏସ୍ଆଇ ତର୍ଫୁ କାମ୍ ଚାଲିଛେ । ଇହାଦେ ବାଏଲ୍ କଢ଼ା କାମ୍ ବନ୍ଦ ରହିଛେ । ଇ ବାବ୍ଦେ ସୂଚ୍ନା ଦେଇକରି ଶ୍ରୀ ରାଓ୍ୱତ୍ କହିଛନ୍, ଛୋଟ୍ଟେ ବାଟ୍ ଦେଇକରି ବାଏଲ୍ କାଢ଼୍ବାର୍ କାମ୍ ମୁଲ୍ ହେଇଛେ । ଶ୍ରୀ ରାଓ୍ୱତ୍ କହିଛନ୍, କୋଣାର୍କ ମନ୍ଦିର ଇହାଦେ ସୁରକ୍ଷିତ୍ ଅଛେ ବଲି ବିଶେଷଜ୍ଞ କମିଟି ସ୍ୱଷ୍ଟ କରିଛେ ।

ସିଜୋଫ୍ରେନିଆ ଦିବସ ଆର୍ଏନ୍ୟୁ/ସମ୍ବଲପୁର

ମାନସିକ ରୋଗୀମାନ୍କୁ ସ୍ନେହ, କରୁଣା, ଦୟା ଦେଖାବାର୍ ସହେତେ ଲୁକ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ ଉଦ୍ଦେଶ୍ୟରେ ଫି ବଛର୍ ମେ ୨୪ ତାରିଖ୍କେ ବିଶ୍ୱ ସିଜୋଫ୍ରେନିଆ

ଦିବସ ଭାବେ ପାଲନ୍ କରାଯାଉଛେ । ସିଜୋଫ୍ରେନିଆ ହେଉଛେ ଗୁଟେ ମାନସିକ୍ ସମସ୍ୟା । ଇଟା ମୁନ୍ଷର୍ ଭାବନା, ଆବେଗ, ବେଭାର୍ ଆର୍ କାର୍ଯ୍ୟଦକ୍ଷତାକେ ବିଶେଷ୍ ଭାବେ ପ୍ରଭାବିତ୍ କରିଥିସି । ମସ୍ତିଷ୍କଥି ଖାସ୍ କରି ଡୋପାମିନ୍ ରାସାୟନିକ ତତ୍ୱର ମାତ୍ରା ବଢ୍ଲେ ଇ ବେମାର୍ ହେଇଥିସି । ଇ ବଛ୍ରର୍ ବିଶ୍ୱ ସିଜୋଫ୍ରେନିଆ ଦିବସ୍‌ର ବାର୍ତା ହେଉଛେ, 'ଧାରଣାର ପୁର୍ନବିଚାର କରନ୍ତୁ, କାହାଣୀକୁ ବଦଳାଇ ଦିଅନ୍ତୁ ।'

ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା ହେଇଯାଇଛେ । କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଶୋଭାଯାତ୍ରାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଅପରେସନ୍ ସିନ୍ଦୁର୍ ବେଲ୍‌କେ ଭାରତୀୟ ସେନାବାହିନୀ ଦେଖେଇଥିବା ପରାକ୍ରମ୍‌ର ପ୍ରଶଂସା କରିଛନ୍ । ଇଥି ଭିନ୍ ଭିନ୍ ବର୍ଗର୍ ଲୁକେ ଯୋଗ୍ ଦେଇଥିଲେ ।

ପାଣିପାଗ ଏନ୍‌ଏସ୍‌ଡି

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଏଜ୍ ସଖାଲ୍‌ବେଲା କେରଲ୍ ଉପକୂଲ୍‌କେ ପୁହୁଁଚିଛେ । ଇ ବଛର୍ ଧାରିଜ୍ ସମିଆଠାନୁ ୮ଦିନ୍ ଆଘୋନୁ  ମୌସୁମୀ କେରଲ୍ ପୁହୁଁଚିଛେ । ଗଲା ୧୬ ବଛର୍ ଭିତ୍‌ରେ ମୌସୁମୀ ଇଥର ଆଘୋ ଆସିଛେ ବଲି ଭାରତୀୟ ପାଣିପାଗ ବିଭାଗ୍ ତର୍‌ଫୁ କୁହାଯାଇଛେ । ଫି ପଛର୍ ଜୁନ୍ ପହେଲା ହପ୍ତାଥି ମୌସୁମୀ କେରଲ୍ ପୁହୁଁଚିସି । ଇହାଦେ ଓଡ଼ିଶା ନ ପ୍ରାକ୍ ମୌସୁମୀ ପାଣିପାଗ ସକ୍ରିୟ ଥିବାର୍ନୁ ଇ ବଛର୍ ଠିକ୍ ସମିଆଥି ମୌସୁମୀ ରାଜ୍ୟକେ ପୁହୁଁଚିପାରେ ବଲି ଅନୁମାନ୍ କରାଯାଉଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ କେନ୍ଦ୍ରର୍ ନିର୍ଦ୍ଦେଶକ୍ ମନୋରମା ମହାନ୍ତି ଆକାଶ୍‌ବାଣୀକେ ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍...

(ଭଏସ୍ ଓଭର୍- ମନୋରମା ମହାନ୍ତି)